BAGEESHA
ବାଗୀଶ
ତୃତୀୟ ବର୍ଷ, ତୃତୀୟ ସଂଖ୍ୟା | ମଇ - ଜୁନ୍ ୨୦୨୫
Volume No. 03 | Issue No. 03 | May-Jun 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ଓଡ଼ିଆ ସାହିତ୍ୟରେ 'ମାହାତ୍ମ୍ୟ'

## ଅନୁରାଧା ପାତ୍ର

ଗବେଷିକା, ସଂସ୍କୃତି ଅଧ୍ୟୟନ ବିଭାଗ, ପ୍ରାଚୀନ, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

BM2025/03-A004

RECEIVED : 19 MAY 2025
ACCEPTED : 25 JUN 2025
REVISED : 30 JUN 2025
PUBLISHED: 10 JUL 2025

ARTICLE QR CODE

DOI:10.70541/BAGEESHA/2025030304

Article No. BM2025/03-A004
Category : Research Article
Journal Home Page: https://bageesha.in
Support: editor.bageesha@gmail.com

ABSTRACT

**ସାରାଂଶ**

'ମାହାତ୍ମ୍ୟ' ଶବ୍ଦଟି ଆମ ସମାଜରେ ପ୍ରଚଳିତ ଅନ୍ୟାନ୍ୟ ଧର୍ମ ସଂକ୍ରାନ୍ତୀୟ ଶବ୍ଦଗୁଡ଼ିକ ମଧ୍ୟରେ ବହୁ ଆଗରୁ ସ୍ଥାନ ପାଇଛି। ଏକ ନିର୍ଦ୍ଦିଷ୍ଟ ବିଷୟ କୈନ୍ଦ୍ରିକ ଛନ୍ଦୋବଦ୍ଧ ପଦ୍ୟାତ୍ମକ ରଚନା, କ୍ଷୁଦ୍ର କଳେବର ବିଶିଷ୍ଟ ଏବଂ ଅଧ୍ୟାୟ ଯୁକ୍ତ। ପ୍ରଥମ ଅଧ୍ୟାୟ ଆରମ୍ଭରେ ଇଷ୍ଟସ୍ତୁତି ଏବଂ ପ୍ରତ୍ୟେକ ଅଧ୍ୟାୟ ଶେଷରେ ଭଣିତା ରହିଥାଏ। ଉକ୍ତ ଅଧ୍ୟାୟର ଆଲୋଚ୍ୟ ପ୍ରସଙ୍ଗ, ଅନୁକୃତ ମାହାତ୍ମ୍ୟର ମୂଳ ପୁରାଣ ନାମ, ଏବଂ ଅଧ୍ୟାୟ ସଂଖ୍ୟା ଏଥିରେ ସ୍ଥାନିତ। ମାହାତ୍ମ୍ୟର କଳେବର ପୁରାଣପରି କାହାଣୀ ଧର୍ମୀ। ଏହା ପୁରାଣର ପରିଶିଷ୍ଟ, ବସ୍ତୁତଃ ପୁରାଣର ଅଂଶ ବିଶେଷ। କାହାଣୀ ଗୁଡ଼ିକ ନିରାଡ଼ମ୍ବର ବର୍ଣ୍ଣନାଯୁକ୍ତ ଉପଦେଶମୂଳକ କ୍ଷୁଦ୍ର କଥାବସ୍ତୁ, ଯାହା ବୈଚିତ୍ର୍ୟମୟ ନହୋଇ ଏକ ନିର୍ଦ୍ଦିଷ୍ଟ ପରିଣାମ ଆଡ଼କୁ ଗତିଶୀଳ। ମାନବ ସମାଜର ଆଧ୍ୟାତ୍ମିକ ଚେତନା ବୃଦ୍ଧିରେ ମାହାତ୍ମ୍ୟ ଗ୍ରନ୍ଥ ଯଥେଷ୍ଟ ସହାୟକ ମଧ୍ୟ। ଛୋଟ ଆକାର ବିଶିଷ୍ଟ ପଦ୍ୟାତ୍ମକ ରଚନା ହୋଇଥିଲେ ମଧ୍ୟ ଓଡ଼ିଆ ସାହିତ୍ୟରେ ଏହାର ଭୂମିକା କ'ଣ ରହିଛି, ତାହା ଉକ୍ତ ପ୍ରବନ୍ଧରେ ବିସ୍ତୃତଭାବେ ଆଲୋଚନା କରାଯାଇଛି।

**ମୂଳଶବ୍ଦ:** ମାହାତ୍ମ୍ୟ, ଓଡ଼ିଆ ସାହିତ୍ୟ, ଆଧ୍ୟାତ୍ମିକ ଚେତନା, ପୁରାଣ, ସଂସ୍କୃତ ମାହାତ୍ମ୍ୟ, ମହିମା, କ୍ଷେତ୍ର ମାହାତ୍ମ୍ୟ, ମାସ ମାହାତ୍ମ୍ୟ, ଦେବଦେବୀ ମାହାତ୍ମ୍ୟ, ବୃକ୍ଷ ମାହାତ୍ମ୍ୟ।

**ଉପକ୍ରମ:** ଆମ ସାହିତ୍ୟରେ 'ମାହାତ୍ମ୍ୟ' ଶବ୍ଦର ପ୍ରଚଳନ ବହୁ ପ୍ରାଚୀନ କାଳରୁ ହୋଇଛି; ଯେଉଁଟି ଗୌରବ, ମହତ୍ତ୍ୱ ତଥା ମହିମାର ଅର୍ଥ ବହନ କରେ। 'ମହାତ୍ମନ୍'(ସଂ)(ପ୍ରହରାଜ। ୨୦୧୭। ପୃ୬୫୩୦) ଶବ୍ଦରୁ ଏହାର ଉତ୍ପତ୍ତି। ସାହିତ୍ୟିକ ସଂଜ୍ଞାନୁସାରେ ମାହାତ୍ମ୍ୟର ଅର୍ଥ କୌଣସି ପବିତ୍ର ସ୍ଥାନ, ସମୟ, ବିଶେଷ ପ୍ରାକୃତିକ ପଦାର୍ଥର ମହାନତା ବର୍ଣ୍ଣନ, ଦାନ ଧର୍ମର ଶୁଭଫଳ, ଦେବଦେବୀଙ୍କର ଗୁଣକୀର୍ତ୍ତନ ଆଦିକୁ ବୁଝାଏ। ଏପିଗ୍ରାଫିଷ୍ଟ D.C Sircarଙ୍କ ମତରେ, "Eulogistic work on deities or holy places, rivers etc." (Sircar। 1966। 190) ଅର୍ଥାତ୍ ଦେବତାଙ୍କ ମହିମା ଏବଂ ପବିତ୍ର ସ୍ଥାନ, ନଦୀ ଆଦିର ଗୁଣଗାନ କରିବା ହେଉଛି ମାହାତ୍ମ୍ୟ। ଦେବଭାଷା ସଂସ୍କୃତ ସମେତ ଓଡ଼ିଆ, ହିନ୍ଦୀ, ବଙ୍ଗଳା ତଥା ଅନ୍ୟାନ୍ୟ ଆଞ୍ଚଳିକ ଭାଷାରେ ମାହାତ୍ମ୍ୟର ପ୍ରଚଳନ ରହିଛି। ସଂସ୍କୃତରେ 'ମାହାତ୍ମ୍ୟମ୍', ହିନ୍ଦି ଏବଂ ଓଡ଼ିଆରେ 'ମାହାତ୍ମ୍ୟ', ବଙ୍ଗଳାରେ 'ମାହାତ୍ମ', ତେଲୁଗୁରେ 'ଗୋପଟେନମ୍', ତାମିଲ୍‌ରେ 'ମାଗାତ୍ତୁବମ୍' ଇତ୍ୟାଦି ଭଳି ଭିନ୍ନଭିନ୍ନ ନାମ ଧାରଣ କରୁଥିଲେ ମଧ୍ୟ ମାହାତ୍ମ୍ୟର ଅର୍ଥ ପ୍ରତ୍ୟେକ ସ୍ଥାନରେ ସମାନ; ଯାହା ବୀରତ୍ୱ, ମହାନତା ଆଦିକୁ ବୁଝାଏ। ମରାଠିରେ ମାହାତ୍ମ୍ୟ ଏକ ବୈଭବପୂର୍ଣ୍ଣ ଆଖ୍ୟାୟିକା କିମ୍ବା ମହାକାବ୍ୟ, ଯାହାର ମୁଖ୍ୟ ଉଦ୍ଦେଶ୍ୟ ଦେବ ପୂଜନ ଏବଂ ପୁଣ୍ୟଫଳ ପ୍ରାପ୍ତି। ଏଥିରୁ ସ୍ପଷ୍ଟ ହୁଏ ଯେ, ମାହାତ୍ମ୍ୟ ଏକ ଦେଶବ୍ୟାପି ତଥା ବୃହତ୍ ପରିସର ବିଶିଷ୍ଟ ବିଷୟବସ୍ତୁ ଯାହା ଭାରତର ପ୍ରତ୍ୟେକ ସ୍ଥାନରେ ବିଦ୍ୟମାନ। ପୁରାଣରୁ ଏହି ବୀଜର ଉନ୍ମେଷ ହୋଇଥିଲେ ହେଁ ସମୟକ୍ରମେ ବିକାଶ ଘଟି ବର୍ତ୍ତମାନ ଏକ ବୃହତ୍ ମାହାତ୍ମ୍ୟ ସାହିତ୍ୟ ବୃକ୍ଷରେ ପରିଣତ ହୋଇ ଲୋକପ୍ରିୟ ହୋଇପାରିଛି। ସମ୍ପୃକ୍ତ ଉପସ୍ଥାପନାରେ ମାହାତ୍ମ୍ୟ ସାହିତ୍ୟର କ୍ରମବିକାଶ(ସଂସ୍କୃତ ଏବଂ ଓଡ଼ିଆ), ପ୍ରକରିକରଣ, ପୁରାଣଠାରୁ ଭିନ୍ନତା, ଏବଂ ଅନ୍ୟ କେତେକ ପ୍ରସଙ୍ଗ ତଥା ସାମାଜିକ, ସାଂସ୍କୃତିକ(ମୁଖ୍ୟତଃ ଓଷାବ୍ରତ ଓ ପର୍ବପର୍ବାଣି), ପରିବେଶ ସଚେତନତା ଏବଂ ଦାନଧର୍ମ ସଂମ୍ପର୍କରେ ପର୍ଯ୍ୟାୟକ୍ରମେ ଆଲୋଚନା କରାଯାଇଛି।

**ବିଷୟର ଆଲୋଚନା:** ମନସ୍ତାତ୍ତ୍ୱିକ ଭାରତୀୟ ଧର୍ମ

VOL NO 03 ISSUE NO 03

ପରମ୍ପରାରେ ସନାତନ ଧର୍ମ ବହୁ ପ୍ରାଚୀନ। ବେଦ, ଉପନିଷଦ, ଗୀତା ସମେତ ଅଷ୍ଟାଦଶ ପୁରାଣ, ଉପପୁରାଣ, ସ୍ଥଳପୁରାଣ ଆଦି ଧର୍ମଗ୍ରନ୍ଥ ଏହାର ପଥ ପ୍ରଦର୍ଶକ। ପ୍ରାଚୀନ ସମୟରେ ବେଦ, ଉପନିଷଦ ଉଚ୍ଚବର୍ଗ(ବ୍ରାହ୍ମଣ) ବ୍ୟକ୍ତିଙ୍କ ଆଦୃତିଲାଭ କରିଥିଲା ବେଳେ ସମାଜର ନିମ୍ନବର୍ଗ(ଶୂଦ୍ର) ଏବଂ ସ୍ତ୍ରୀ ଜାତିଙ୍କ ପାଇଁ ଏହାର ଶ୍ରବଣ ମଧ୍ୟ ଥିଲା ଏକ ଦଣ୍ଡନୀୟ ଅପରାଧ। ପରବର୍ତ୍ତୀ ସମୟରେ ବେଦର ଶ୍ଳୋକ, ଉପନିଷଦର ବ୍ୟାଖ୍ୟାର କ୍ଲିଷ୍ଟତା ଖଣ୍ଡନ କରି ରଚିତ ହେଲା ଅଷ୍ଟାଦଶ ପୁରାଣ ଯାହା ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ। କ୍ରମଶଃ ଉପପୁରାଣ, ସ୍ଥଳପୁରାଣ ଆଦିର ସୃଷ୍ଟି। ଅନ୍ୟ ଧର୍ମଗ୍ରନ୍ଥ ଅପେକ୍ଷା ପୁରାଣର ସଂଖ୍ୟା ଅଧିକ ହୋଇଥିବାରୁ ଏଥିରେ ଆଲୋଚନାର ପରିସର ବ୍ୟାପକ। ବେଦର ସଂହିତା ଭାବରେ ଭାରତୀୟ ଧର୍ମଧାରଣା, ସମାଜତତ୍ତ୍ୱ, ଦର୍ଶନ, ସଂସ୍କୃତି, ଭୌଗୋଳିକ ଅବସ୍ଥିତି, ତତ୍‌ସମେତ ସୃଷ୍ଟି ବିବରଣ, ଆତ୍ମତତ୍ତ୍ୱ ନିର୍ଣ୍ଣୟ, କ୍ରିୟାଯୋଗ, ଜ୍ୟୋତିର୍ବିଜ୍ଞାନ, ବ୍ରହ୍ମର ସାକାରତା ଇତ୍ୟାଦି ଜ୍ଞାନ ପୁରାଣ ଗର୍ଭସ୍ଥ। ସ୍ଥାବର, ଜଙ୍ଗମ, ଦେବତା, ଗନ୍ଧର୍ବ, ଯକ୍ଷ, ରାକ୍ଷସ, ମନୁଷ୍ୟାଦିଙ୍କ ଜନ୍ମ ବୃତ୍ତାନ୍ତ ମଧ୍ୟ ସବିଶେଷ ବର୍ଣ୍ଣିତ। ପୁରାଣ ଗ୍ରନ୍ଥ ପଦ୍ୟାତ୍ମକ ରଚନା ହୋଇଥିବାରୁ ଏ ସମସ୍ତ ବିଷୟର ଅଧ୍ୟାୟ ଦ୍ୱାରା ବିଭକ୍ତିକରଣ ହୋଇଛି। ତହିଁରୁ କେତେକ ଅଧ୍ୟାୟ କେବଳ ମାହାତ୍ମ୍ୟରେ ମଣ୍ଡିତ। ଉପପୁରାଣ ଏବଂ ସ୍ଥଳପୁରାଣ ଗୁଡ଼ିକରେ ଅଳ୍ପକିଛି ମାହାତ୍ମ୍ୟ ରହିଥିବା ବେଳେ ପଦ୍ମପୁରାଣ ଓ ସ୍କନ୍ଦପୁରାଣ ଭଳି ବୃହତ୍ ଗ୍ରନ୍ଥରେ ଏହାର ସଂଖ୍ୟା ଅଧିକ। ସାରୋଳ ଦାସଙ୍କ ମୌଳିକ କୃତି ଓଡ଼ିଆ ମହାଭାରତର ବନପର୍ବରେ କେତୋଟି ତୀର୍ଥ ମାହାତ୍ମ୍ୟ ଓ ମାଘ ମାହାତ୍ମ୍ୟ ଏବଂ ଆଦିପର୍ବରେ ସାହାଡ଼ା ବୃକ୍ଷ ମାହାତ୍ମ୍ୟର ଦୃଷ୍ଟାନ୍ତ ମଧ୍ୟ ରହିଛି। ତେଣୁ ପୁରାଣ ମାଧ୍ୟମରେ ମାହାତ୍ମ୍ୟର ସିଧାସଳଖ ପ୍ରଚଳନ ହୋଇଥିବା ଏଥିରୁ ନିଶ୍ଚିତ ହେଉଛି। ସମୟକ୍ରମେ ଲୋକପ୍ରିୟତା ବୃଦ୍ଧି ପାଇବା ଦ୍ୱାରା ମାହାତ୍ମ୍ୟକାରମାନେ ପୁରାଣରୁ ସଂଗ୍ରହ କରିଥିବା ଅଂଶ(ମାହାତ୍ମ୍ୟ ଓ ତତ୍ ସମ୍ବନ୍ଧୀୟ) ସହିତ ନିଜସ୍ୱ କେତେକ ଉପଦେଶମୂଳକ ପ୍ରସଙ୍ଗ ଏବଂ ନୂତନ ତଥ୍ୟ ଓ ତତ୍ତ୍ୱ ସଂଯୋଗ କରି ସ୍ୱତନ୍ତ୍ର ଭାବରେ ଅନେକ ମାହାତ୍ମ୍ୟ ଗ୍ରନ୍ଥ ରଚନା କଲେ। ଏଥିରୁ ସ୍ପଷ୍ଟ ହୁଏଯେ, ପୁରାଣରୁ ବିକାଶିତ ହୋଇ ନିଜର ସ୍ୱାତନ୍ତ୍ର୍ୟ ଦର୍ଶାଇବାରେ ମାହାତ୍ମ୍ୟ ସାହିତ୍ୟ ସଫଳ ହୋଇପାରିଛି।

ବେଦର ସଂହିତା ଭାବରେ ପୁରାଣ ପ୍ରଥମେ ସଂସ୍କୃତ ଭାଷାରେ ରଚିତ ହୋଇଥିଲେହେଁ, ଓଡ଼ିଆରେ ରଚନା କରାଯାଇଥିବା ପୁରାଣଗୁଡ଼ିକ ଏହାର ଆକ୍ଷରିକ ଅନୁବାଦ ନୁହଁନ୍ତି। ଅନୁସରଣରେ ଲେଖାଯାଇଛି କହିବା ଅଧିକ ଯୁକ୍ତି ସଙ୍ଗତ। ମାହାତ୍ମ୍ୟ କ୍ଷେତ୍ରରେ ମଧ୍ୟ ଏହାର ସମଦୃଷ୍ଟାନ୍ତ ରହିଛି। ଅନୁବାଦ କରିବା ପରିବର୍ତ୍ତେ ମୂଳ ସଂସ୍କୃତ ମାହାତ୍ମ୍ୟକୁ ଅବଲମ୍ବନ କରି ପରବର୍ତ୍ତୀ ସମୟରେ ଓଡ଼ିଆ ମାହାତ୍ମ୍ୟ ରଚନା କରାଯାଇଛି। ଅଧ୍ୟାୟ ଗତ ପାର୍ଥକ୍ୟ, କାହାଣୀରେ ଭିନ୍ନତା ଆଦି ଏହାର ପ୍ରମାଣ ଦିଏ। ବେଳେବେଳେ ସଂସ୍କୃତ ମାହାତ୍ମ୍ୟଠାରୁ ଓଡ଼ିଆ ମାହାତ୍ମ୍ୟରେ ଅଧିକ ବା କମ୍ ତଥ୍ୟ ରହିଥାଏ। କେତେକ ମୌଳିକ କଥାବସ୍ତୁ ଯୋଡ଼ାଯାଇଥାଏ କିମ୍ବା ମୂଳ ମାହାତ୍ମ୍ୟର କିଛି ଅଂଶକୁ ବାଦ୍ ଦିଆଯାଇଥାଏ। ପରବର୍ତ୍ତୀ ସମୟରେ ମୁଦ୍ରଣଯନ୍ତ୍ରର ପ୍ରଭାବ ଯୋଗୁଁ ଏହି ପ୍ରକ୍ରିୟା ଅଧିକ ସକ୍ରିୟ ହୋଇଉଠିଛି। ପୁରାଣରୁ ମାହାତ୍ମ୍ୟର ଗତି କ୍ରମଶଃ ତାଳପତ୍ରରୁ ମୁଦ୍ରଣଯନ୍ତ୍ର ପର୍ଯ୍ୟନ୍ତ ବୃଦ୍ଧି ପାଇଛି। କାଳକ୍ରମେ ମାହାତ୍ମ୍ୟ ସାହିତ୍ୟର ପ୍ରସାରପ୍ରଚାର ଘଟି ସମାଜରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଗୋଟିଏ ନିର୍ଦ୍ଦିଷ୍ଟ ମାହାତ୍ମ୍ୟର ଏକାଧିକ ଲେଖକ ଏବଂ ଭିନ୍ନ ପୁରାଣର ଭଣିତା ଦେଶବ୍ୟାପି ଜନସାଧାରଣଙ୍କର ମାହାତ୍ମ୍ୟ ପ୍ରୀତି ଓ ଶ୍ରଦ୍ଧା ସୂଚାଇ ଥାଏ। ଏହାର କାହାଣୀଧର୍ମୀ ରଚନା ଶୈଳୀ ଲୋକପ୍ରିୟତାର କାରଣ।

ମାହାତ୍ମ୍ୟ; ଏକ ନିର୍ଦ୍ଦିଷ୍ଟ ବିଷୟ କୈନ୍ଦ୍ରିକ ଛନ୍ଦୋବଦ୍ଧ ପଦ୍ୟାତ୍ମକ ରଚନା, କ୍ଷୁଦ୍ର କଳେବର ବିଶିଷ୍ଟ ଏବଂ ଅଧ୍ୟାୟ ଯୁକ୍ତ। ପ୍ରଥମ ଅଧ୍ୟାୟ ଆରମ୍ଭରେ ଇଷ୍ଟସ୍ତୁତି ଏବଂ ପ୍ରତ୍ୟେକ ଅଧ୍ୟାୟ ଶେଷରେ ଭଣିତା ରହିଥାଏ। ଉକ୍ତ ଅଧ୍ୟାୟର ଆଲୋଚ୍ୟ ପ୍ରସଙ୍ଗ, ଅନୁକୃତ ମାହାତ୍ମ୍ୟର ମୂଳ ପୁରାଣ ନାମ, ଏବଂ ଅଧ୍ୟାୟ ସଂଖ୍ୟା ଏଥିରେ ସ୍ଥାନିତ। ମାହାତ୍ମ୍ୟର କଳେବର ପୁରାଣପରି କାହାଣୀ ଧର୍ମୀ। କାହାଣୀ ଗୁଡ଼ିକ ନିରାଡ଼ମ୍ବର ବର୍ଣ୍ଣନାଯୁକ୍ତ ଉପଦେଶମୂଳକ କ୍ଷୁଦ୍ର କଥାବସ୍ତୁ, ଯାହା ବୈଚିତ୍ର୍ୟମୟ ନହୋଇ ଏକ ନିର୍ଦ୍ଦିଷ୍ଟ ପରିଣାମ ଆଡ଼କୁ ଗତିଶୀଳ। ସଂପୃକ୍ତ ଚରିତ୍ରମାନଙ୍କର ମଧ୍ୟ ଅତି ବର୍ଣ୍ଣନା ପରିଲକ୍ଷିତ ହୁଏନାହିଁ। ଚରିତ୍ରମାନଙ୍କ ମଧ୍ୟରେ ରହିଥା'ନ୍ତି, ଅଭିଶପ୍ତ ଗନ୍ଧର୍ବ, ମୁନିଋଷି, ଦେବତା, କିନ୍ନର, ରାକ୍ଷସ, ପିଶାଚ, ଦେବଦେବୀ, ଅପ୍ସରାଗଣ ପ୍ରଭୃତି। ବ୍ରାହ୍ମଣ ଓ ରାଜବଂଶୀୟ ଚରିତ୍ର ମଧ୍ୟ କେତେକ ସ୍ଥାନରେ ଦୃଷ୍ଟିଗୋଚର ହୁଅନ୍ତି। ମାହାତ୍ମ୍ୟର ପ୍ରତ୍ୟେକ କାହାଣୀ କଥୋପକଥନ ଶୈଳୀରେ ରଚିତ। ଏଥିରେ ଜଣେ ବକ୍ତା ଏବଂ ଏକ ବା ଏକାଧିକ ଶ୍ରୋତା ଅଂଶ ଗ୍ରହଣ କରନ୍ତି। ପ୍ରଶ୍ନୋତ୍ତର ମାଧ୍ୟମରେ ଅନେକ ଦାର୍ଶନିକ ତତ୍ତ୍ୱର ବ୍ୟାଖ୍ୟା ଓ ଜ୍ଞାନ ଚର୍ଚ୍ଚା କରାଯାଇଥାଏ। ତତ୍‌ସମେତ ପ୍ରାଚୀନ ପରମ୍ପରା, ଧର୍ମଚେତନା, ଇତିହାସ, ରାଜବଂଶାବଳୀ, ଭୌଗୋଳିକ ଅବସ୍ଥିତି ଇତ୍ୟାଦିର ସରଳ ବର୍ଣ୍ଣନା ମାହାତ୍ମ୍ୟ ସାହିତ୍ୟରେ ଅନ୍ତର୍ନିହିତ।

ସ୍ଥାନ, କାଳ, ଦେବଦେବୀ, ପ୍ରକୃତିଗତ ଉପାଦାନ ଏବଂ ଦାନଧର୍ମ ଦୃଷ୍ଟିରୁ ମାହାତ୍ମ୍ୟ ପାଞ୍ଚ ପ୍ରକାରର, ଯଥା କ୍ଷେତ୍ର ମାହାତ୍ମ୍ୟ, ମାସ ମାହାତ୍ମ୍ୟ, ଦେବଦେବୀ ମାହାତ୍ମ୍ୟ, ବୃକ୍ଷ ମାହାତ୍ମ୍ୟ, ନଦୀ ମାହାତ୍ମ୍ୟ ଏବଂ ଦାନ ମାହାତ୍ମ୍ୟ। କ୍ଷେତ୍ର ମାହାତ୍ମ୍ୟ ଏକ ନିର୍ଦ୍ଦିଷ୍ଟ ଭୂଖଣ୍ଡକୁ କେନ୍ଦ୍ର କରି ରଚନା କରାଯାଏ। ତା'ର ଭୌଗୋଳିକ ଅବସ୍ଥିତି, ତୀର୍ଥର ରହସ୍ୟ, ପୂଜା ପାଉଥିବା ଇଷ୍ଟ ଦେବଦେବୀଙ୍କ ମହିମା, ଶାସକ ରାଜବଂଶର ସେହି କ୍ଷେତ୍ର ପାଇଁ ଅବଦାନ ଇତ୍ୟାଦି ବିଷୟ ଏଥିରେ ବର୍ଣ୍ଣିତ। ପ୍ରବାହିତ ନଦୀ ଏବଂ ସେଠାରେ ପିଣ୍ଡଦାନର ପୁଣ୍ୟଫଳ ଏକ ମୁଖ୍ୟ ପ୍ରସଙ୍ଗ ମଧ୍ୟ। ବିଶ୍ୱାସ ଯେ ଏହା କରିବା ଦ୍ୱାରା ପୂର୍ବପୁରୁଷଙ୍କୁ ମୋକ୍ଷ ତଥା ସ୍ୱର୍ଗଲାଭ ହୁଏ। ପୁରାଣରେ ବର୍ଣ୍ଣିତ ମୁନିଋଷିଙ୍କ ତପସ୍ୟାସ୍ଥଳି, ଆଶ୍ରମ ସଂପର୍କରେ ବର୍ଣ୍ଣନା କେତେକ କ୍ଷେତ୍ରର ଦୃଷ୍ଟି ଆକର୍ଷଣ କରେ। 'ଏକାମ୍ର କ୍ଷେତ୍ରମାହାତ୍ମ୍ୟ', 'ପୁରୁଷୋତ୍ତମ କ୍ଷେତ୍ରମାହାତ୍ମ୍ୟ', 'ବିରଜା କ୍ଷେତ୍ରମାହାତ୍ମ୍ୟ' ଇତ୍ୟାଦି ମାହାତ୍ମ୍ୟ ସାହିତ୍ୟର କ୍ଷେତ୍ରମାହାତ୍ମ୍ୟ ବିଭାଗକୁ ମଣ୍ଡନ କରୁଛି। ସେହିପରି

DOI: 10.70541/BAGEESHA/2025030304
VOL NO 03 ISSUE NO 03

ଏକ ନିର୍ଦ୍ଦିଷ୍ଟ ସମୟ ତଥା ଭାରତରେ ପୁଣ୍ୟକାଳ ବୋଲି ମାନୁଥିବା ମାସ(ଆ,କା,ମା,ବୈ) ଏବଂ ତିଥି(ଏକାଦଶୀ) ର ମହତ୍ତ୍ୱ ଦର୍ଶାଇ ଏହାର ନାମାନୁସାରେ ମାହାତ୍ମ୍ୟ ରଚନା କରାଯାଇଛି। ଈଶ୍ୱର ଭକ୍ତି, ଦେବପୂଜନ, ପିଣ୍ଡଦାନ, ହବିଷ୍ୟ, ଶରୀର ଶୁଦ୍ଧତା, ମାନସିକ ପବିତ୍ରତା,  ଅନ୍ନ ଜଳ ଦାନ ପ୍ରଭୃତିର ବର୍ଣ୍ଣନା ଏଥିରେ ରହିଛି। 'କାର୍ତ୍ତିକ ମାହାତ୍ମ୍ୟ', 'ଆଷାଢ଼ ମାହାତ୍ମ୍ୟ', 'ମାଘ ମାହାତ୍ମ୍ୟ', 'ମାର୍ଗଶୀର ମାହାତ୍ମ୍ୟ', 'ବୈଶାଖ ମାହାତ୍ମ୍ୟ' ଏବଂ 'ଏକାଦଶୀ ମାହାତ୍ମ୍ୟ' ଏହାର କେତେକ ଦୃଷ୍ଟାନ୍ତ। ଅନ୍ୟ ଏକ ବିଭାଗ; ଯେଉଁଟି ଦେବଦେବୀଙ୍କ ମହିମା, ଗୁଣ କୀର୍ତ୍ତନ ଓ ନାମ ସ୍ମରଣରେ ପରିପୂର୍ଣ୍ଣ। 'ଲକ୍ଷ୍ମୀ ମାହାତ୍ମ୍ୟ', 'ଦୁର୍ଗା ମାହାତ୍ମ୍ୟ', 'ଶିବ ମାହାତ୍ମ୍ୟ' ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ। ସନ୍ତାନ ଲାଭ, ମନସ୍କାମନା ପୂରଣ, ରୋଗବ୍ୟାଧିରୁ ମୁକ୍ତିଲାଭ ଆଦି ଲୋକବିଶ୍ୱାସ କାହାଣୀ ମାଧ୍ୟମରେ ବର୍ଣ୍ଣିତ। ପ୍ରକୃତିଗତ ଉପାଦାନ ତଥା ନଦୀ, ପର୍ବତ, ବୃକ୍ଷ ଆଦିକୁ କେନ୍ଦ୍ରକରି କେତେକ ମାହାତ୍ମ୍ୟ ମଧ୍ୟ ରଚନା କରାଯାଇଛି। 'ଗଙ୍ଗା ମାହାତ୍ମ୍ୟ', 'ପ୍ରାଚୀ ମାହାତ୍ମ୍ୟ', 'ହିମାଳୟ ମାହାତ୍ମ୍ୟ', 'ତୁଳସୀ ମାହାତ୍ମ୍ୟ', 'ଅଶ୍ୱତ୍ଥ ମାହାତ୍ମ୍ୟ' ଇତ୍ୟାଦି ଏହାର ଉଦାହରଣ। ପ୍ରକୃତିର ସମାଜ ପାଇଁ ଦାନ, ମାନବ ଜାତିର କୃତଜ୍ଞତା, ପ୍ରକୃତି ପୂଜନ ଆଦିର ବର୍ଣ୍ଣନା ଏଥିରେ ରହିଛି। ପ୍ରୋକ୍ତ ସମସ୍ତ ମାହାତ୍ମ୍ୟରେ ଦାନର ଶୁଭଫଳ ସଂପର୍କରେ ଅଳ୍ପେ ବହୁତେ ଆଲୋଚନା କରାଯାଇଥିଲେହେଁ, 'ଜଳଦାନ ମାହାତ୍ମ୍ୟ', 'ଅନ୍ନଦାନ ମାହାତ୍ମ୍ୟ' ଭଳି କେତେକ ଦାନ ମାହାତ୍ମ୍ୟକୁ ସ୍ୱତନ୍ତ୍ର ସ୍ଥାନ ଦିଆଯାଇଛି। ଏହା ପୁଣ୍ୟପ୍ରାପ୍ତିର ଏକ ମାର୍ଗ ଭାବରେ ଭାରତୀୟ ଧର୍ମ ପରମ୍ପରାରେ ଗୃହୀତ। ସୁଦୃଢ ବିଶ୍ୱାସରେ ଅନ୍ତର୍ନିହିତ। ତେବେ ସମୁଚିତ ଭାବରେ ମାହାତ୍ମ୍ୟ ସାହିତ୍ୟର ସୃଷ୍ଟି ଜନ ସମାଜ ପାଇଁ ଯାହା ମୁଖ୍ୟତଃ  ଈଶ୍ୱର ଭକ୍ତି ଏବଂ ଧର୍ମ ପ୍ରଚାରକୁ ଆଧାର କରି ରଚିତ ହୋଇଛି।

ସମାଜ ମନୁଷ୍ୟକୃତ। ସମୁହ ଭାବରେ ସୁଖ ସୁବିଧା ଭୋଗ କରି ବଞ୍ଚିବା ପାଇଁ ଏହାର ସୃଷ୍ଟି।  ତେଣୁ ଏକ ଶୃଙ୍ଖଳିତ ସମାଜ ଗଠନର ପରିକଳ୍ପନା କରି କେତେକ ନିର୍ଦ୍ଦିଷ୍ଟ ନୀତିନିୟମର ପ୍ରଚଳନ ବହୁ ଆଗରୁ ଧାର୍ଯ୍ୟ କରାଯାଇଛି। ବେଦ ଠାରୁ ଆରମ୍ଭ କରି ପ୍ରତ୍ୟେକ ଧର୍ମଗ୍ରନ୍ଥରେ ବିଭିନ୍ନ ରୀତିନୀତି ସଂମ୍ପର୍କରେ ଚର୍ଚ୍ଚା ରହିଛି। ମାହାତ୍ମ୍ୟ ସାହିତ୍ୟ ଏହି ଦିଗ ପ୍ରତି ଯଥେଷ୍ଟ ସଚେତନ ମଧ୍ୟ। ଭଲ ଖରାପ, ପାପପୁଣ୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ମଣିଷ ଜୀବନକୁ ନିର୍ଦ୍ଦିଷ୍ଟ ନିୟମାନୁସାରେ ସଜାଡ଼ିଦେବାର ପ୍ରୟାସ  ଏଥିରେ କରାଯାଇଛି। ମିଥ୍ୟା, ଛଳ କପଟ, କ୍ରୋଧ, ହିଂସା, ଈର୍ଷା ଆଦି ନକରାତ୍ମକ ଭାବକୁ ପରିତ୍ୟାଗ କରି ସତ୍ୟତା, ପବିତ୍ରତା, ନୈତିକ ଆଚରଣ ପ୍ରଭୃତିକୁ ଆପଣେଇ ନେବାପାଇଁ ନୀତିଶିକ୍ଷା ମାଧ୍ୟମରେ ଜନ ସମାଜକୁ ପ୍ରେରଣା ପ୍ରଦାନ କରିବାରେ ମାହାତ୍ମ୍ୟକାର ମାନେ କୁଣ୍ଠାବୋଧ ପ୍ରକାଶ କରିନାହାନ୍ତି[୧]।  ଏହାଛଡ଼ା ଜନଜୀବନକୁ ନୀତିନିୟମରେ ବାନ୍ଧି ସୁପଥରେ ଅଗ୍ରସର ହେବାପାଇଁ ଉପଦେଶ ଦେବା ସଙ୍ଗେସଙ୍ଗେ ସମାଜର ବଳିଷ୍ଟ ଅଙ୍ଗ, ନାରୀର ସମ୍ମାନ ପ୍ରତି ମାହାତ୍ମ୍ୟକାରମାନେ ଯଥେଷ୍ଟ ସଚେତନଶୀଳ। ପତିବ୍ରତା ନାରୀର ଚରିତ୍ରରେ ଦାଗ ଲଗାଇବା ଦ୍ୱାରା ସ୍ୱୟଂ ଈଶ୍ୱର ମଧ୍ୟ ଅଭିଶାପ ଗ୍ରସ୍ତ ହୋଇ ପାରନ୍ତି, ଏହିପରି ଦୃଢ ଚିନ୍ତାଧାରା ମାହାତ୍ମ୍ୟ ସାହିତ୍ୟରେ ପ୍ରତିଫଳିତ[୨]। ଏହି ପ୍ରତିଫଳନ ସମାଜକୁ ବାଟ କଢ଼େଇ ନେଇଛି। ଯଦ୍ୱାରା ରାମଙ୍କ ପରି ପୁତ୍ର, ସୀତାଙ୍କ ପରି ଆଦର୍ଶ ନାରୀ, ଲକ୍ଷ୍ମଣ ଓ ଭରତଙ୍କ ପରି ଭାଇ, ସତ୍ୟନିଷ୍ଠ ଯୁଧିଷ୍ଠିର ପ୍ରଭୃତି ଆଜି ଘରେଘରେ ପରିଚିତ। ନୀତିନିଷ୍ଠ ଜୀବନଯାପନ ଏବଂ ସାମାଜିକ ମୂଲ୍ୟବୋଧ ରକ୍ଷା ପ୍ରତି ସଚେତନ ହେବା ସହ ଅସଚେତନ ହେଲେ କେଉଁ ପ୍ରକାର କ୍ଷତି ଘଟେ ତାହାର ଅନେକ ଉଦାହରଣ ମାହାତ୍ମ୍ୟ ସାହିତ୍ୟରେ କାହାଣୀ ମାଧ୍ୟମରେ ସୂଚାଇ ଦିଆଯାଇଛି।

ସେହିପରି ସାମାଜିକ ନୀତିନିୟମର ଧାରାବାହିକ ଅନୁଶୀଳନ ମାଧ୍ୟମରେ ସଂସ୍କୃତି ଓ ସମାଜର ନିରବଚ୍ଛିନ୍ନ ସହବନ୍ଧନ ସୁଦୃଢ ହୋଇପାରିଛି। ତହିଁରୁ ପିଣ୍ଡଦାନ ପରମ୍ପରା ଗୋଟିଏ; ଯେଉଁଟି ପିତୃପୁରୁଷଙ୍କ ଆତ୍ମାର ସଦ୍‌ଗତି ଏବଂ ଦେବତାଙ୍କ ନିମନ୍ତେ ଉତ୍ସର୍ଗ। ବିଶ୍ୱାସଯେ, ଏକ ନିର୍ଦ୍ଦିଷ୍ଟ ସମୟରେ ପବିତ୍ର ସ୍ଥାନରେ ପିଣ୍ଡଦାନ କରିବା ଦ୍ୱାରା ପିତୃଲୋକଙ୍କୁ ବୈକୁଣ୍ଠଲାଭ ଏବଂ ମୋକ୍ଷପ୍ରାପ୍ତି ହୁଏ। ତେଣୁ ଭାରତୀୟ ଜନସାଧାରଣ ଦେଶର ବିଭିନ୍ନ ତୀର୍ଥ ସ୍ଥାନରେ ଶୁଦ୍ଧ ଚିତ୍ତରେ ପିଣ୍ଡଦାନ କରନ୍ତି। ଏହି କାର୍ଯ୍ୟ ପାଇଁ ମାହାତ୍ମ୍ୟ ସାହିତ୍ୟ ଶ୍ରଦ୍ଧା, ନିଷ୍ଠା ଏବଂ ଭକ୍ତି ଭାବନା ପ୍ରତି ଅଧିକ ଦୃଷ୍ଟି ଦେଇଛି।

ଆମେ ଯାହା ଖାଉ ବା ଯେତେକ ଭକ୍ଷ ଦ୍ରବ୍ୟ; ତାହା ହେଉଛି ଅନ୍ନ। ଏହା ଶାସ୍ତ୍ରରେ ଅଛି।  ତେଣୁ ପିଣ୍ଡଦାନ କହିଲେ ଯେ କେବଳ ତଣ୍ଡୁଳକୁ ବୁଝାଏ ତାହା ନୁହେଁ, ବରଂ ଶ୍ରଦ୍ଧା ପୂର୍ବକ ଫଳମୂଳ ପ୍ରଦାନ କଲେ ମଧ୍ୟ ଏହା ପିଣ୍ଡ ଭାବରେ ଗ୍ରହଣୀୟ[୩]। ମାତ୍ର ଶୁଦ୍ଧ ଚିତ୍ତ ନ ରଖି ଗଙ୍ଗା କିମ୍ବା ଗୟା ଭଳି ପବିତ୍ର ତୀର୍ଥସ୍ଥାନ ମାନଙ୍କରେ ପିଣ୍ଡଦାନ କଲେ ଗ୍ରହଣୀୟ ନୁହେଁ। ଭକ୍ତି ଭାବ ଅଭାବରେ ଅମୃତ ମଧ୍ୟ ଦେବତା କିମ୍ବା ପିତୃଲୋକଙ୍କୁ ତୃପ୍ତ କରିପାରେ ନାହିଁ। ପିଣ୍ଡଦାନର ବିଶେଷତ୍ୱ, ସମୟ ଓ ନିୟମାଦି ସମ୍ପର୍କରେ ନିର୍ଦ୍ଦିଷ୍ଟ ମାହାତ୍ମ୍ୟ(କାଶୀ ମାହାତ୍ମ୍ୟ, ଗୟା ମାହାତ୍ମ୍ୟ, ପ୍ରାଚୀ ମାହାତ୍ମ୍ୟ ଇତ୍ୟାଦି)ରେ ସବିଶେଷ ବର୍ଣ୍ଣନା ରହିଥିବା ବେଳେ ଅନ୍ୟାନ୍ୟ ମାହାତ୍ମ୍ୟ ଗୁଡ଼ିକରେ ଅଳ୍ପକେ ଆଲୋଚନା କରାଯାଇଛି[୪]।

ପିଣ୍ଡଦାନର ପରମ୍ପରା ନିକଟ ଅତୀତରୁ ନୁହେଁ; ବରଂ ପ୍ରାଚୀନ ସମୟରୁ ପ୍ରଚଳିତ ହୋଇ ସାଂସ୍କୃତିକ ରୂପ ନେଇଛି। ସେହିପରି ସଂସ୍କୃତିଗତ ଉପାଦାନଗୁଡ଼ିକ ମଧ୍ୟରୁ ସମାଜରେ ଭ୍ରାତୃଭାବ ସୃଷ୍ଟି କରିବା ସହିତ ଐକ୍ୟ ସ୍ଥାପନ କ୍ଷେତ୍ରରେ ମୁଖ୍ୟ ଭୂମିକା ଗ୍ରହଣ କରେ ବିଭିନ୍ନ ପର୍ବପର୍ବାଣୀ ଏବଂ ଓଷାବ୍ରତ। ଏହା ମାହାତ୍ମ୍ୟ ସାହିତ୍ୟ ଅନ୍ତର୍ଭୂକ୍ତ।

ଜୀବନ ଚର୍ଯ୍ୟାରେ ଋତୁଚକ୍ର ପରି ବାର ମାସରେ ତେରପର୍ବ ବର୍ଷକୁ ଥରେ ଲେଖାଏଁ ଆସି ମୁହଁ ମାରି ଯାଆନ୍ତି। ଜୀବନ ସଂଗ୍ରାମ ଓ ସାଂସାରିକ ଜଂଜାଳରୁ ସ୍ୱଳ୍ପ ବିରତି ପାଇବା ପାଇଁ ପର୍ବପର୍ବାଣୀ କିଛି ମାତ୍ରାରେ ସାହାଯ୍ୟ କରେ। କେବଳ ଏତିକି ନୁହେଁ, ବରଂ ଲୋକଜୀବନରେ ଆଧ୍ୟାତ୍ମିକ ଭାବକୁ ସୁଦୃଢ କରି ରଖିବା ସହ ଧାର୍ମିକ ଚେତନା ଅଭିବୃଦ୍ଧିରେ ଏହାର ଭୂମିକା ରହିଛି। ସାମାଜିକ ଶୃଙ୍ଖଳାର ବନ୍ଧନରେ ଜନଜୀବନକୁ ବାନ୍ଧି

DOI: 10.70541/BAGEESHA/2025030304
VOL NO 03 ISSUE NO 03

ରଖିବା କ୍ଷେତ୍ରରେ କ୍ଷମ ହୋଇଥାଏ। ନିର୍ଦ୍ଦିଷ୍ଟ ନିୟମନୁଯାୟୀ ଦେବପୂଜନ ତଥା ରୀତିନୀତି ଅନୁସାରେ ପର୍ବ ପାଳନ, ସଂସ୍କୃତି ପ୍ରତି ନତମସ୍ତକ ସମ୍ମାନର ପରିଚୟ ପ୍ରଦାନ କରେ। ପୂଜାପର୍ବ ସହିତ ଓଷାବ୍ରତ ସମାନ୍ତରାଳ ଭାବରେ ଚାଲିଛି। ଅତ୍ୟନ୍ତ ନିଷ୍ଠାର ସହ ଦେବଦେବୀଙ୍କୁ ଆଶ୍ରା କରି ଅଭିଷ୍ଟ ଫଳ ପ୍ରାପ୍ତି ପାଇଁ ଏହାର ସୃଷ୍ଟି, ଯାହାର ଉତ୍ପତ୍ତି କେନ୍ଦ୍ର ଲୋକଜୀବନରେ ଘଟୁଥିବା କେତେକ ଘଟଣା ଓ ତହିଁରୁ ଜାତ ବିଶ୍ୱାସ। ତେବେ ଅନେକ ଗୁଡ଼ିଏ ପୂଜାପର୍ବ ଓ ଓଷାବ୍ରତ ମାହାତ୍ମ୍ୟ ସାହିତ୍ୟ ପରିସରରେ ନିଜ ସ୍ଥାନ ଅଧିକାର କରିଥିବା ବେଳେ ତତ୍ ସଂପର୍କିତ କେତେକ ସମସ୍ୟା(ସାମ୍ୟ, ବୈଷମ୍ୟ) ଦୃଷ୍ଟିଗୋଚର ହୁଏ। ସେଗୁଡ଼ିକ ହେଉଛି, ମାହାତ୍ମ୍ୟ ଏବଂ ଓଷାବ୍ରତ ମଧ୍ୟରେ ରହିଥିବା ସଂପର୍କ ତଥା ନିର୍ଦ୍ଦିଷ୍ଟ ବ୍ରତର ସ୍ୱତନ୍ତ୍ର ମାହାତ୍ମ୍ୟ, ଅନ୍ୟାନ୍ୟ ମାହାତ୍ମ୍ୟ ଗୁଡ଼ିକରେ ଚର୍ଚ୍ଚା କରାଯାଇଥିବା ଓଷାବ୍ରତ ଏବଂ କେବଳ ବ୍ରତକଥାର ସ୍ୱତନ୍ତ୍ରତା। ଏକା ଭଳି ଜଣାପଡୁଥିଲେ ମଧ୍ୟ ଏଥିରେ ସୂକ୍ଷ୍ମ ପାର୍ଥକ୍ୟ ଥିବା ଅନୁଭୂତ ହୁଏ। ଗଠନ ଦୃଷ୍ଟିରୁ ମାହାତ୍ମ୍ୟର ପରିଧି ବ୍ରତକଥା ତୁଳନାରେ ଯଥେଷ୍ଟ ବଡ଼। ନିର୍ଦ୍ଦିଷ୍ଟ ମାହାତ୍ମ୍ୟରେ ସେହି ଓଷାବ୍ରତ ସଂପର୍କରେ ସବିଶେଷ ବର୍ଣ୍ଣନା ତଥା ବ୍ରତ ପାଳନର ଉଦ୍ଦେଶ୍ୟ, ଏହାର ଇତିହାସ, ବିଧିବିଧାନ, ମିଳୁଥିବା ପୁଣ୍ୟଫଳ ଇତ୍ୟାଦି ରହିଥାଏ; ଯେଉଁଠି ଅନ୍ୟ ପକ୍ଷରେ ବ୍ରତକଥାର ମୁଖ୍ୟ ପ୍ରସଙ୍ଗ ହେଉଛି ପାଳନର ବିଧି, ନିୟମ ଓ ଫଳପ୍ରାପ୍ତି। ଏହା ଛଡ଼ା ଅନ୍ୟାନ୍ୟ ମାହାତ୍ମ୍ୟରେ କେତେକ ଓଷାବ୍ରତ ସଂପର୍କରେ ଅଳ୍ପକେ ଆଲୋଚନା ରହିଥାଏ।

ଭାରତରେ ଏକ ପବିତ୍ର ଦିନ ଭାବରେ ଏକାଦଶୀ ତିଥି ଅତ୍ୟନ୍ତ ଲୋକପ୍ରିୟ। ବର୍ଷକରେ ଚବିଶଟି ଏକାଦଶୀ (କୃଷ୍ଣପକ୍ଷ ଓ ଶୁକ୍ଳପକ୍ଷ) ରହିଥିଲେହେଁ ପୁଣ୍ୟମାସରେ (ଆ, କା, ମା, ବୈ) ପଡୁଥିବା ଏକାଦଶୀର ପ୍ରାଧାନ୍ୟ ଅଧିକ। ତେଣୁ ପ୍ରତ୍ୟେକ ମାସଭିତ୍ତିକ ମାହାତ୍ମ୍ୟରେ ଏଥି ସଂପର୍କରେ ଅଳ୍ପେ ବହୁତେ ଚର୍ଚ୍ଚା ରହିଛି। ମାତ୍ର 'ଏକାଦଶୀ ମାହାତ୍ମ୍ୟ' ଗ୍ରନ୍ଥରେ ଏହାକୁ କାହାଣୀ ମାଧ୍ୟମରେ ବିସ୍ତାରିତ ରୂପ ଦିଆଯାଇଛି। ଏହି ଗ୍ରନ୍ଥ ଅନୁଶୀଳନରେ ଲିଖିତ 'ଏକାଦଶୀ ବ୍ରତକଥା' ରେ କେବଳ ବ୍ରତର ନିୟମ ତଥା ବିଧିବିଧାନକୁ ମୁଖ୍ୟ ପ୍ରସଙ୍ଗ ଭାବେ ଗ୍ରହଣ କରାଯାଇଛି। ଏଣୁ ପ୍ରତ୍ୟେକ ଗ୍ରନ୍ଥ ନିଜର ସ୍ୱାତନ୍ତ୍ର ପ୍ରତିପାଦନ କରିବାରେ ସକ୍ଷମ, ପ୍ରମାଣିତ। ଏହାଛଡ଼ା ମାହାତ୍ମ୍ୟ ଏବଂ ଅନ୍ୟାନ୍ୟ ଓଷାବ୍ରତ ସଂପର୍କିତ ଦ୍ୱନ୍ଦର କାରଣ, ସେମାନଙ୍କ ମଧ୍ୟରେ ରହିଥିବା ଅନୁପୂରକ ସମ୍ବନ୍ଧ। ତାହା ହେଉଛି; ଗୋଟିଏ ମାହାତ୍ମ୍ୟରେ ଏକାଧିକ ଓଷାବ୍ରତ ବିଷୟରେ ବର୍ଣ୍ଣନା ରହିଥିଲେହେଁ, ପ୍ରତ୍ୟେକ ଓଷାର ନିର୍ଦ୍ଦିଷ୍ଟ ମାହାତ୍ମ୍ୟ ନଥାଏ। ଯେପରି ଖୁଦୁରୁକୁଣୀ ଓଷା, ପଞ୍ଚୁଳି ଓଷା, ଭାଇ ଜିଉନ୍ତିଆ ଓଷା ଇତ୍ୟାଦି। ଏଣୁ କୁହାଯାଇପାରେ ଯେ, କେତେକ ଓଷାବ୍ରତ କଥା ମାହାତ୍ମ୍ୟର କ୍ଷୁଦ୍ର ଅଂଶ ମାତ୍ର ସବୁ ଓଷାବ୍ରତ ମାହାତ୍ମ୍ୟ ସାହିତ୍ୟର ଅନ୍ତର୍ଭୁକ୍ତ ନୁହେଁ।

ପ୍ରକୃତିଦ୍ୱାରା ମଣିଷ ଉପକୃତ ହୁଏ; ସିଧାସଳଖ ନିର୍ଭର କରେ ବଞ୍ଚିବା ପାଇଁ। ତେଣୁ ସେ ତାକୁ ଭଲପାଏ, ସମ୍ମାନ ଦିଏ ଏବଂ ଈଶ୍ୱରଙ୍କ ସତ୍ତା ଅନୁଭବ କରି ପୂଜା କରେ। ପରିବେଶ ପ୍ରତି ଆନ୍ତରିକତା ଏବଂ ଯତ୍ନଶୀଳତା ଏକ ସୁସ୍ଥ ସୁନ୍ଦର ସମାଜର ପରିକଳ୍ପନାର ଅଂଶ ବିଶେଷ। ବୃକ୍ଷପ୍ରୀତି ତନ୍ମଧ୍ୟରୁ ଏକ ବିଶେଷ ଆଲୋଚ୍ୟ ପ୍ରସଙ୍ଗ। ପ୍ରତ୍ୟେକ ମାହାତ୍ମ୍ୟରେ ବୃକ୍ଷର ମହାନତା ଦର୍ଶାଇ ମାହାତ୍ମ୍ୟକାରମାନେ କିଛି ନା କିଛି ଲେଖିଛନ୍ତି। ପିପ୍ପଳରେ ବିଷ୍ଣୁ, ମାଳତୀରେ ଲକ୍ଷ୍ମୀ, ବଟ ବୃକ୍ଷରେ ଶିବ ବାସ କରୁଥିବାର ବର୍ଣ୍ଣନା କେତେକ ମାହାତ୍ମ୍ୟରେ ରହିଛି। ଏହା ବୃକ୍ଷରେ ଈଶ୍ୱରଙ୍କ ଅବସ୍ଥାନର ବିଶ୍ୱାସକୁ ବଢ଼ାଏ[୫]।

ସକଳ ପାପ ନାଶ ହେବା ପାଇଁ ବୃକ୍ଷ ଆରାଧନାଯେ ଏକ ପନ୍ଥା, ତତ୍ସମେତ ବୃକ୍ଷ ପୂଜନ, ବୃକ୍ଷ ମୂଳରେ ହବିଷ୍ୟ ଅନ୍ନ ଗ୍ରହଣ, ବୃକ୍ଷ ରୋପଣ ଦ୍ୱାରା ଈଶ୍ୱରଙ୍କ ସାନିଧ୍ୟ ପ୍ରାପ୍ତି ଆଦି ପରି ଅନେକ ବିଷୟବସ୍ତୁର ବର୍ଣ୍ଣନା ମାହାତ୍ମ୍ୟ ସାହିତ୍ୟ ଅନ୍ତର୍ଭୁକ୍ତ। କେବଳ ମାହାତ୍ମ୍ୟକାରମାନେ ଯେ ଏହି ଦିଗରେ ଆଗ୍ରହ ପ୍ରକାଶ କରିଛନ୍ତି ତାହା ନୁହେଁ, ବରଂ ଅନ୍ୟ ଧର୍ମଗ୍ରନ୍ଥ ଗୁଡ଼ିକରେ ବୃକ୍ଷ ସଂପର୍କରେ ଅନେକ ଆଲୋଚନା ରହିଛି। ତନ୍ମଧ୍ୟରୁ ସାରୋଳ ଦାସଙ୍କ ମହାଭାରତରେ ଥିବା ସାହାଡ଼ା ବୃକ୍ଷ ମାହାତ୍ମ୍ୟ ଏକ କାଳଜୟୀ ଦୃଷ୍ଟାନ୍ତ। ଉଁଆସି ଦୋଷରୁ ମୁକ୍ତ ହେବାପାଇଁ ଗାନ୍ଧାରୀଙ୍କର ଏକ ସାହାଡ଼ା ବୃକ୍ଷ ସହ ବିବାହ ପ୍ରସଙ୍ଗ ଏହାର କଥାବସ୍ତୁ। ଯହିଁରେ ଗୋଲକ ବୃକ୍ଷକୁ ବିବାହ କରିବାର ପରବର୍ତ୍ତୀ ସମୟରେ ବୃକ୍ଷଟି ମରିଯାଇଛି ଏବଂ ଗାନ୍ଧାରୀଙ୍କର ଉଆଁସି ଦୋଷ ମୋଚନ ହୋଇଛି[୬]। ଏହି କଥାବସ୍ତୁ, ସମାଜର ପ୍ରକୃତି ଉପରେ ନିର୍ଭରଶୀଳତା ଏବଂ ପ୍ରକୃତିର ସମାଜ ପ୍ରତି ତ୍ୟାଗର ପରିଚୟ ଦିଏ। ପ୍ରତ୍ୟେକ ମାହାତ୍ମ୍ୟରେ ବୃକ୍ଷର ମହାନତା ସମ୍ପର୍କରେ ଆଲୋଚନା ରହିଥିଲେହେଁ, କେତେକ ବୃକ୍ଷର ସ୍ୱତନ୍ତ୍ର ମାହାତ୍ମ୍ୟ ମଧ୍ୟ ରଚନା କରାଯାଇଛି, ଯଥା 'ତୁଳସୀ ମାହାତ୍ମ୍ୟ', 'ଅଶ୍ୱତ୍ଥ ମାହାତ୍ମ୍ୟ' ଇତ୍ୟାଦି। ପରିବେଶ ସୁରକ୍ଷା ତଥା ସମାଜ ସହ ସନ୍ତୁଳନ ବଜାୟ ରଖିବା ପାଇଁ ମାହାତ୍ମ୍ୟକାରମାନଙ୍କର ଏପରି ପଦକ୍ଷେପ ଯଥାର୍ଥ ମନେହୁଏ।

ଓଡ଼ିଆରେ ମାହାତ୍ମ୍ୟର କବି ଭାବରେ ମହାଦେବ ଦାସ ପ୍ରଥମ ଓ ପ୍ରାଚୀନ(ଦାଶ। ୨୦୧୭। ପୃ.୧୧୧୭)। ତାଙ୍କ ରଚିତ ମାହାତ୍ମ୍ୟମାନଙ୍କ ମଧ୍ୟରୁ 'କାର୍ତ୍ତିକ ମାହାତ୍ମ୍ୟ', 'ମାଘ ମାହାତ୍ମ୍ୟ', 'ଆଷାଢ଼ ମାହାତ୍ମ୍ୟ' ଲୋକଙ୍କର ବହୁ ଆଦର ଲାଭ କରିଛି। ତାଙ୍କ ବ୍ୟତୀତ କୃପାସିନ୍ଧୁ ଦାସଙ୍କ 'ମାର୍ଗଶୀର ମାହାତ୍ମ୍ୟ', ଗୋପୀନାଥ ଦାସଙ୍କ 'ମାଘ ମାହାତ୍ମ୍ୟ', ତ୍ରିଲୋଚନ ଦାସଙ୍କ 'ପ୍ରାଚୀ ମାହାତ୍ମ୍ୟ' ଇତ୍ୟାଦି ମାହାତ୍ମ୍ୟ ସାହିତ୍ୟକୁ ପରିପୁଷ୍ଟ କରିଛି।

**ଉପସଂହାର:** ପୁଣ୍ୟ ଅର୍ଜନ, ମୋକ୍ଷପ୍ରାପ୍ତି, ଶାନ୍ତିପୂର୍ଣ୍ଣ ଜୀବନଯାପନ ଆଦି ମନୁଷ୍ୟର ଏକାନ୍ତ କାମ୍ୟ। ତେଣୁ ମାହାତ୍ମ୍ୟର ଧାରା ଈଶ୍ୱରଙ୍କ ପାଖେ ଅଟକି ଯାଇଛି। ଈଶ୍ୱରଙ୍କୁ କେନ୍ଦ୍ରକରି ପ୍ରତ୍ୟେକ ମାହାତ୍ମ୍ୟ ଧର୍ମ, ଆଧ୍ୟାତ୍ମ୍ୟ ଓ ଭକ୍ତିଭାବ ପ୍ରଚାର ପୂର୍ବକ ନିଜର କାୟା ବିସ୍ତାର କରିବାରେ ସକ୍ଷମ ହୋଇପାରିଛି। ଲୋକଜୀବନର ସାମୁହିକ ବିକାଶ ତଥା ସମାଜ କଲ୍ୟାଣ, ସାଂସ୍କୃତିକ ଓ ନୈତିକ ମୂଲ୍ୟବୋଧ ରକ୍ଷା

DOI: 10.70541/BAGEESHA/2025030304
VOL NO 03 ISSUE NO 03

କରିବା କ୍ଷେତ୍ରରେ ଏହାର ପାଦଚିହ୍ନ ବେଶ୍ ଦୃଶ୍ୟମାନ ହୁଏ। ପ୍ରାଚୀନ ପରମ୍ପରା ସମ୍ପର୍କରେ ପାଠକର ଜ୍ଞାନ ବୃଦ୍ଧି ସହିତ ସମାଜ ଓ ସଂସ୍କୃତି ମଧ୍ୟରେ ମାହାତ୍ମ୍ୟ ସାହିତ୍ୟ ଏକ ସେତୁ ସଦୃଶ। ହଜାର ହଜାର ନିରକ୍ଷର ନରନାରୀଙ୍କୁ ସଚେତନ ଶ୍ରୋତା କରି ଲୋକଶିକ୍ଷା ପ୍ରଦାନ କରିବାରେ ଏହାର ଯଥେଷ୍ଟ ଅବଦାନ ରହିଛି। ଧର୍ମାବଲମ୍ବୀମାନଙ୍କ ମଧ୍ୟରେ ସ୍ୱଦେଶ ପ୍ରୀତି ଜାଗ୍ରତ କରିବା ଏବଂ ସମସ୍ତଙ୍କଠାରେ ଆଧ୍ୟାତ୍ମିକ ଭାବନାର ପ୍ରଚାର ମାହାତ୍ମ୍ୟ ସାହିତ୍ୟର ସୃଷ୍ଟିକୁ ଯଥାର୍ଥତା ପ୍ରଦାନ କରିଛି।

ଆଧୁନିକତାର ଜାଲରେ ମଣିଷ ଆଜି ଛନ୍ଦି ହୋଇଯାଇଥିଲେ ମଧ୍ୟ ସଂସ୍କୃତିର ବାନା ଧରି ସମୟ ସହ ତାଳ ଦେଇ ଚାଲିଛି। ଆଧ୍ୟାତ୍ମିକ ଆଗ୍ରହ ଯୋଗୁଁ ମାହାତ୍ମ୍ୟ ଆବୃତିର ପରମ୍ପରା ଏବେ ମଧ୍ୟ ବଞ୍ଚିଛି ଗ୍ରାମୀଣ ଜୀବନରେ। ମାହାତ୍ମ୍ୟ, ଭାରତୀୟ ସଂସ୍କୃତିର କୋଠରୀରେ କ୍ଷୁଦ୍ର ଦୀପଶିଖାଟିଏ ହୋଇ ଆଲୋକ ବିତରଣ କରିବାକୁ ଅହରହ ଉଦ୍ୟମ ଜାରି ରଖିଛି।

## ପ୍ରାନ୍ତଟୀକା:

୧) "*କୁସଙ୍ଗ ପରିହାସ ଖେଡ଼ । କଳହ କ୍ରୋଧ ହିଂସାହୁଡ଼ ।।*
*ମିଥ୍ୟା ବଚନ ନିନ୍ଦା ଛଳ । କାର୍ତ୍ତିକେ ବର୍ଜିବ ସକଳ ।।*" (କାର୍ତ୍ତିକ ମାହାତ୍ମ୍ୟ । ପୃ ୨୩)

୨) "*ମୁଁ ସ୍ତିରୀ ଅବଳା ଯୁକତେ । ଏଡ଼େ କପଟ କିମ୍ପା ମତେ ।।*
*କପଟେ ହରିଲୁ ମୋ ତପ । ଏବେ ତୁ ଘେନ ମୋର ଅଭିଶାପ" ।।*(କାର୍ତ୍ତିକ ମାହାତ୍ମ୍ୟ । ପୃ ୮୮)

୩) "*ଏରୂପେ ଏ ଶାସ୍ତ୍ର ବିଧାନ । ଯେ ଯାହା ଭକ୍ଷେ ତାହା ଅନ୍ନ ।।*
*ଭକ୍ତିରେ ଯେଉଁ ଦ୍ରବ୍ୟ ଦେଲେ । ଦେବତା ପିତୃ ପାନ୍ତି ଭଲେ ।।*
*ଯାହାର ନାହିଁ ଭକ୍ତି ଭାବ । ଅମୃତ ଦେଲେ କିସ ହେବ।।*" (ପ୍ରାଚୀ ମାହାତ୍ମ୍ୟ । ପୃ ୬୨)

୪) "*ପ୍ରାଚୀ ଜଳରେ କରି ସ୍ନାନ । ରାମେଶ୍ୱରଙ୍କୁ ଦରଶନ ।।*
*ତିଳାଦି ପୂଜ୍ୟ ଫଳମାନ । ପିଣ୍ଡ ଦ୍ୟନ୍ତି ରାମ ଲକ୍ଷଣ ।।*
*ସେ ପିଣ୍ଡ ପାଇ ଅଜ ସୁତ । ପ୍ରେତତ୍ୱ କଲେ ବିବର୍ଜିତ ।।*" (ପ୍ରାଚୀ ମାହାତ୍ମ୍ୟ । ପୃ ୬୦)

୫) "*ଗଉରୀ ଶାପେ ସଦାଶିବ । ସ୍ଥାବର ରୂପେ ମହାଦେବ ।।*
*ସଂସାରେ ବଟବୃକ୍ଷ ରୂପେ । ପ୍ରକାଶ ହେଲେ କଳ୍ପେ କଳ୍ପେ ।।*
*ପିପଳ ବୃକ୍ଷ ରୂପେ ହରି । ଯେ ତାଙ୍କୁ ଆରାଧନା କରି ।।*" (କାର୍ତ୍ତିକ ମାହାତ୍ମ୍ୟ । ପୃ ୧୬୭)

୬) "*ଗୋଲକ ବୃକ୍ଷ ଗାନ୍ଧାରୀକି କଲେକ ପ୍ରଦାନେ।*
*X X X*
*ଗାନ୍ଧାରୀ ବୃକ୍ଷ ଯହୁଁ ଯେକ ଯୋଗ ହୋଇଲା*
*ସେ ସାହାଡ଼ା ବୃକ୍ଷ ଗୋଟି ତତ୍‌କ୍ଷଣାନ୍ତି ମଲା ।।*
*X X X*
*ସମସ୍ତ ଅରଷ୍ଟି ଏହାର ହୋଇଲାକ ଶାନ୍ତି ।।*(ସାରଳାଦାସ ମହାଭାରତ । ପୃ ୧୧୮)

## ସହାୟକ ଗ୍ରନ୍ଥସୂଚୀ:

୧) ଦାସ, ମହାଦେବ। ପ୍ର.କା. ନାହିଁ। କାର୍ତ୍ତିକ ମାହାତ୍ମ୍ୟ

୨) ଦାଶ, ତ୍ରିଲୋଚନ। ପ୍ର.କା. ନାହିଁ। ପ୍ରାଚୀ ମାହାତ୍ମ୍ୟ, କଟକ: ଦାଶରଥି ପୁସ୍ତକାଳୟ

୩) ଦାଶ, ଦାଶରଥି ଓ ଅନ୍ୟମାନେ। ୨୦୧୭। ସାହିତ୍ୟକୋଷ, ଭୁବନେଶ୍ୱର: ଆମ ଓଡ଼ିଶା

୪) ପଟ୍ଟନାୟକ, ପଠାଣି। ୨୦୦୦। ପୁରାଣ ସାହିତ୍ୟରେ ସାମାଜିକ ମୂଲ୍ୟବୋଧ, ପୁରାଣ ପରିକ୍ରମା(ଦ୍ୱିତୀୟ ସ୍ତବକ), କଟକ: ଓଡ଼ିଶା ବୁକ୍ ଷ୍ଟୋର

୫) ପଣ୍ଡା, ପ୍ରଦୀପ୍ତ କୁମାର। ୧୯୮୨। ଓଡ଼ିଶାର ଧର୍ମଧାରା, କଟକ: ବୁକ୍ସ ଆଣ୍ଡ ବୁକ୍ସ

୬) ପ୍ରହରାଜ, ଗୋପାଳ ଚନ୍ଦ୍ର।୨୦୧୭(ନୂତନ ମୁଦ୍ରଣ)। ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ, ଭୁବନେଶ୍ୱର: ଲାର୍କ ବୁକ୍ସ

୭) ମିଶ୍ର, ସଂଘମିତ୍ରା। ୨୦୦୦। ଓଡ଼ିଆ ପୁରାଣ ଓ ଲୋକଶିକ୍ଷା, ପୁରାଣ ପରିକ୍ରମା(ଦ୍ୱିତୀୟ ସ୍ତବକ), କଟକ: ଓଡ଼ିଶା ବୁକ୍ ଷ୍ଟୋର

୮) ମିଶ୍ର, ସ୍ନେହଲତା। ୧୯୯୨। ଓଡ଼ିଆ ମାହାତ୍ମ୍ୟ ସାହିତ୍ୟକୁ ମହାଦେବ ଦାସଙ୍କ ଅବଦାନ, ଭୁବନେଶ୍ୱର: ଉତ୍କଳ ବିଶ୍ୱ ବିଦ୍ୟାଳୟ

୯) Sircar, Dinesh Chandra; 1966: Indian Epigraphical Glossary, New Delhi: Motilal Banarasidass Publishing House

୧୦) ସାରଳାଦାସ। ପ୍ର.କା. ନାହିଁ। ମହାଭାରତ(ଆଦିପର୍ବ), ଓଡ଼ିଶା: ସାଂସ୍କୃତିକ ବ୍ୟାପାର ବିଭାଗ

୧୧) ସାହୁ, ପଂକଜ।୨୦୦୦। ପୁରାଣ ମାହାତ୍ମ୍ୟ, ପୁରାଣ ପରିକ୍ରମା(ଦ୍ୱିତୀୟ ସ୍ତବକ), କଟକ: ଓଡ଼ିଶା ବୁକ୍ ଷ୍ଟୋର।

## Funding
No funding was received for conducting this study.

## Does this Article screened for similarity?
Yes

DOI: 10.70541/BAGEESHA/2025030304

VOL NO 03 ISSUE NO 03

## Conflict of interest

The Author has no conflicts of interest to declare that they are relevant to the content of this Article.

## About the licenses

© **Anuradha Patra 2025**. The text of this Article is open access and licensed under a Creative Commons Attribution 4.0 International license

## Cite this Article :

Patra, Anuradha, "Odia Sahityare Maahatmya", Bageesha, Vol. No. 03, Issue No. 03, May-June 2025, Article No: BM2025/03-A004| Page- 26-31| DOI: https://doi.org/10.70541/BAGEESHA/2025030304